ନବମ ବର୍ଷ, ଦ୍ୱିତୀୟ ସଂଖ୍ୟା
ଫେବୃଆରୀ ୨୦୧୪

ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଥାଗ୍ରାଣି



ମୁଁ କିଏ
ମରିଚିକା
ଗଙ୍ଗଶିଉଳୀ
ପ୍ରେମଦିବସ
ପ୍ରଣୟର ସ୍ମୃତି
ସେଫେଇ ମହୋତ୍ସବ
ତୋ ପାଇଁ ମୋର ଶେଷ ଚିଠି

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର  ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ


ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବର୍ଷ ୨୦୧୪ ବୋଧହୁଏ ଭାରତର ଏକ ବିରାଟ ପରିବର୍ତ୍ତନର ବର୍ଷ ହୋଇପାରେ | ରାଜନୈତିକ ଦୃଷ୍ଟିରୁ ବର୍ତ୍ତମାନ ଦେଶର ଅବସ୍ଥା ଅତ୍ୟନ୍ତ ଉତ୍ତପ୍ତ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ | ଏହି ରାଜନୈତିକ ଉତ୍ତାପ ଆମ ସମସ୍ତଙ୍କ ଜୀବନକୁ ଉଣା ଅଧିକେ ଛୁଇଁ ଯାଉଛି, ଯାହା ଫଳରେ ସାମାଜିକ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଦେଖାଦେଉଛି | ଦିଲ୍ଲୀର ଆପ୍ ସରକାରଙ୍କ ବିଭିନ୍ନ ପଦକ୍ଷେପକୁ ଆନନ୍ଦରେ ସ୍ୱାଗତ କରୁଥିବା ଲୋକଙ୍କ ଅପେକ୍ଷା ସମାଲୋଚକମାନଙ୍କ ସଂଖ୍ୟା ଅଧିକ ଦିଶୁଛି | ରାଜନୈତିକ ପରିବାରରେ ଜନ୍ମ ନେଇଥିବା କଂଗ୍ରେସ ଦଳର ଉପସଭାପତି ରାହୁଳ ଗାନ୍ଧୀଙ୍କ ବୟାନ ଫଳରେ ଦେଶରେ ପୁଣି ଏକ ଜନ ଅଶାନ୍ତି ଦେଖା ଦେଇଛି | ବାଜପେୟୀଙ୍କ ପରେ ବିଜେପିକୁ ପୁଣିଥରେ ସତ୍ତାରୂଢ଼ କରିବା ପାଇଁ ନରେନ୍ଦ୍ର ମୋଦିଙ୍କ ରଣହୁଙ୍କାରରେ ଅନେକ ଯୁବ ଓ ବୁଦ୍ଧିଜୀବି ସାମିଲ ହୋଇଛନ୍ତି | ମୋଟାମୋଟି ଭାବରେ ଦେଖିଲେ ବର୍ତ୍ତମାନ ଦେଶର ଅବସ୍ଥା ଯାହା ହେଉନା କାହିଁକି, ଭାରତର ଯୁବପୀଢ଼ିକୁ ତିନି ଭାଗରେ ବିଭକ୍ତ କରି ଦିଆଗଲାଣି | ଏହାର ପ୍ରଭାବ ସାଧାରଣ ଜୀବନରେ ମଧ୍ୟ ଦେଖା ଦେଲାଣି | ସାମାଜିକ ବନ୍ଧୁତ୍ୱର ୱେବସାଇଟ ଫେସବୁକରେ ବନ୍ଧୁତ୍ୱ କରୁଥିବା ଅନେକ ଲୋକ ଏବେ ନିଜ ନିଜର ରାଜନୈତିକ ପସନ୍ଦ ଓ ନାପସନ୍ଦ ହେତୁ ପରସ୍ପରଠାରୁ ଦୁରେଇବାରେ ଲାଗିଲେଣି | ଆମେ କିନ୍ତୁ ନିର୍ବିକାର ଭାବରେ କେବଳ ନିରୀକ୍ଷଣ ହିଁ କରିବା, ଦେଖିବା ଆଗକୁ କଣ ହେଉଛି |

ଚଳିତ ମାସରେ ଓଡ଼ିଶା ପାଇଁ ଏକ ଦୁଃଖଦ ଘଟଣା ସମସ୍ତଙ୍କ ମନକୁ ଆନ୍ଦୋଳିତ କରିଛି, ବିଗତ ରବିବାର (୯ତାରିଖ) ଦିନ ଅପରାହ୍ନରେ ଓଡ଼ିଶାର ବିଶାଳ ହୀରାକୁଦ ଜଳଭଣ୍ଡାରରେ ଏକ ନୌକା ଦୁର୍ଘଟଣାଗ୍ରସ୍ତ ହୋଇ ପଡ଼ିବା ଫଳରେ ଅନ୍ୟୁନ ତିରିଶ ଜଣ ବ୍ୟକ୍ତିଙ୍କ ଅକାଳ ମୃତ୍ୟୁ ଘଟିଛି | ସମ୍ବଲପୁର, ବରଗଡ଼ ଏବଂ ରାଉରକେଲା ଅଞ୍ଚଳର

ଲାୟନ୍ସ କ୍ଲବର ସଦସ୍ୟମାନେ ସପରିବାର ଏକ ବଣଭୋଜିରେ ଯୋଗଦେଇ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା | ସୂଚନା ମିଳିଛି ଯେ ଆବଶ୍ୟକଠାରୁ ଅଧିକ ଲୋକ ଡଙ୍ଗାରେ ଭର୍ତ୍ତି ହେବାଫଳରେ ଡଙ୍ଗାର ମୋଟର କାମ କରିବା ବନ୍ଦ କରିଦେଇଥିଲା ଓ ସେଇ ବାଟ ଦେଇ ପାଣି ଡଙ୍ଗା ଭିତରକୁ ପଶି ଆସିଥିଲା | ଯାହା ଫଳରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା | ଏଥିରେ ଅନେକ ପରିବାର ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ ହୋଇଯାଇଛନ୍ତି | ସମସ୍ତ ନିହତ ଓ ଆହତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଆହ୍ବାନ ଓଡ଼ିଆ ପରିବାର ତରଫରୁ ସମବେଦନା ଜ୍ଞାପନ କରୁଛି ଏବଂ ପ୍ରାଣ ହାରିଥିବା ସମସ୍ତଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛି |

ଆହ୍ବାନ ଚଳିତ ମାସରେ ନଅ ବର୍ଷରେ ପଦାର୍ପଣ କରିଛି | ବିଗତ ଅନେକ ବର୍ଷଧରି ନିରବଚ୍ଛିନ୍ନ ଭାବରେ ଏହା ପ୍ରକାଶିତ ହୋଇ ଆସୁଛି ଏବଂ ଆପଣ ମାନଙ୍କୁ ସମ୍ପୂର୍ଣ୍ଣ ଓଡ଼ିଆରେ ଏକ ପତ୍ରିକା ପଢ଼ିବାର ସୁଯୋଗ ଦେଇ ଆସୁଛି | କିନ୍ତୁ ଅନେକ ବନ୍ଧୁ ବୋଧ ହୁଏ ଜାଣିନାହାନ୍ତି ଏହି ପତ୍ରିକାର ସମସ୍ତ କାର୍ଯ୍ୟ ମୁଁ ନିଜେ ଏକା ଏକା କରେ | ପତ୍ରିକା ପାଇଁ ଲେଖା ଆହ୍ବାନ କରିବା, ମିଳୁଥିବା ଲେଖାକୁ ଓଡ଼ିଆରେ ଟାଇପ କରିବା, ପତ୍ରିକାର ପ୍ରଚ୍ଛଦ ତିଆରି କରିବା, ପତ୍ରିକାରେ ଲେଖା ଗୁଡ଼ିକୁ ସଜାଇବା, ପତ୍ରିକାକୁ ପ୍ରିଣ୍ଟ କରିବା ଏବଂ ଏହାକୁ ପିଡ଼ିଏଫ୍ ଭାବରେ ଉପସ୍ଥାପନ କରିବା, ଏହି ପତ୍ରିକାକୁ ଆମ ୱେବ୍‌ସାଇଟରେ ଉପସ୍ଥାପନ କରିବା ଇତ୍ୟାଦି ସମସ୍ତ କାମ ମୁଁ ନିଜେ ହିଁ କରିଥାଏ | ତେଣୁ ବ୍ୟସ୍ତବହୁଳ ଜୀବନଚର୍ଯ୍ୟା ଭିତରେ ଏହି କାମକୁ ବେଳେ ବେଳେ ସମୟ ଅଭାବ ହୋଇପଡ଼େ ଏବଂ ତେଣୁ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ବି ହୋଇଯାଏ | ଯଦିଓ ସବୁବେଳେ ଆପଣଙ୍କ ପରି ସୁଧୀ ପାଠକ ପାଠିକାମାନେ ମୋର ଏହି ବିଳମ୍ବରେ ପ୍ରକାଶନକୁ ସାଦରେ ଗ୍ରହଣ କରିଛନ୍ତି,

ତଥାପି ଅନେକ ବନ୍ଧୁ ଏଥିପାଇଁ ମୋତେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ହତୋତ୍ସାହିତ କରିବାକୁ ପଛାଇ ନାହାନ୍ତି | ଏଠାରେ ମୁଁ କହିଦେବାକୁ ଚାହେଁ, ଅନଲାଇନ୍ ପତ୍ରିକା ପଢୁଥିବା ଅନେକ ବନ୍ଧୁ ସମ୍ଭବତଃ ନିଜ ଜୀବନରେ ବଜାରରୁ ଗୋଟିଏ ଓଡ଼ିଆ ପତ୍ରିକା କିଣିଆଣିବା ଭଳି ମାନସିକତା ନ ରଖିଥାଇ ପାରନ୍ତି, ଅଥଚ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବରେ ମିଳୁଥିବା ଏକ ପତ୍ରିକାର ପ୍ରକାଶନରେ ସାମାନ୍ୟ ବିଳମ୍ବ ହେଲେ ସେମାନେ ଉପଦେଶ ଦେବାକୁ ଅନୁଚିତ ମନେ କରନ୍ତି ନାହିଁ |

ଚଳିତ ମାସର ଆହ୍ୱାନ ପ୍ରକାଶନରେ ହୋଇଥିବା ଅହେତୁକ ବିଳମ୍ବପାଇଁ ମୁଁ କ୍ଷମାପ୍ରାର୍ଥୀ | ଆଶା କରୁଛି ଆହ୍ୱାନର ଅତୀତର ସମସ୍ତ ସଂସ୍କରଣ ଭଳି ଚଳିତ ସଂସ୍କରଣକୁ ମଧ୍ୟ ପାଠକୀୟ ଆଦର ଓ ସମ୍ମାନ ପ୍ରାପ୍ତି ହେବ |

ଧନ୍ୟବାଦ

# ସୂଚୀପତ୍ର


ତୋ ପାଇଁ ମୋର ଶେଷ ଚିଠି ୭

ଚନ୍ଦ୍ରଶେଖର ମିଶ୍ର

ମୁଁ ୮

ଗିରୀଶ ଚନ୍ଦ୍ର ପଣ୍ଡା

ମରିଚିକା ୧୦

ସିଲୁ ବେହେରା

ପ୍ରେମ ଦିବସ ୧୧

ଅନିଲ୍ କୁମାର ସେଠୀ

ପ୍ରଣୟର ସ୍ମୃତି ୧୩

ଜଗନ୍ନାଥ ରାୟ

ମୁଁ କିଏ ? ୧୪

ଅରବିନ୍ଦ ଆଚାର୍ଯ୍ୟ

ସେଫେଇ ମହୋତ୍ସବ ୧୭

ହିତେଶ୍ ମହାପାତ୍ର

ଗଙ୍ଗଶିଉଳୀ ୧୮

ଶ୍ରୀ ସୂର୍ଯ୍ୟକାନ୍ତ ଦାଶ

ହାସ୍ୟ ଚିକିତ୍ସା ୧୯

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ତୋ ପାଇଁ ମୋର ଶେଷ ଚିଠି



ଚନ୍ଦ୍ରଶେଖର ମିଶ୍ର

ଆଖିର ଲୁହ ମୋ ଶୁଖି ଆସିଲାଣି
ହୃଦୟେ ଜଳୁଛି କୋହ
ବିନା ଡେଣାରେ କି ପକ୍ଷୀ ଉଡ଼ିପାରେ
ହେ ପ୍ରେମିକା ତୁମେ ହିଁ ଉତ୍ତର ଦିଅ...

ଡେଣା ବିହୀନ ପକ୍ଷୀମନ ଭଙ୍ଗା ଦେହ
ଥାଇ କିସ ଲାଭ ହେବ
ରାତି ସରିଗଲେ ଜହ୍ନମାମୁ କଥା
ଆଉ କିଏ ପଚାରିବ ...

ଶଙ୍ଖାରୁ ଦିପଟ ଦେଇ ନାଇଁ ବୋଲି
ହୋଇଗଲି ସ୍ୱାର୍ଥପର
ମନଠାରୁ ଧନ ବଡ଼ ବୋଲି କହି
ହୋଇଗଲ ସ୍ୱାର୍ଥପର

ତୁ ଚାଲିଗଲୁ ସଂସାର ଗଢ଼ିଲୁ
ମୋ କଥା ପଚାରେ କିଏ
ବଞ୍ଚୁଛି ଆଜି ମୁଁ
ବିନା ବରଷାରେ ଚାତକ ଯେମିତି ରହେ

ସରିଗଲା ମୋର ଜୀବନର ଖେଳ
ସରିଗଲା ମୋ କାହାଣୀ
ଚାଲି ମୁଁ ଯାଉଛି ବହୁତ ଦୂରକୁ
ଆଉ କେବେ ଫେରିବିନି...

# ମୁଁ



ଗିରୀଶ ଚନ୍ଦ୍ର ପଣ୍ଡା

ମୁଁ ଅନନ୍ତ, ମୁଁ ଅସୀମ ;
ହେଲେ......
ମୁଁ କଣ ମୁଁ କୁ ବୁଝିଛି? ମୁଁ କଣ ମୁଁ କୁ ଚିହ୍ନିଛି?
ଏଠି ବ୍ରହ୍ମ ହଜିଛି ଅହଂ ର ଅନ୍ଧକାରେ,
ଅସୀମ ସଂଜ୍ଞା ହରାଇଛି ସୀମିତର ପରିଧୀ ଭିତରେ!
ମୁଁ ର ସ୍ୱର ଶୁଭେ ନାହିଁ ମୁଁ ର ହୁଙ୍କାରେ
ମାୟାର କୁହୁକେ ମୁଁ ଶୁଣେ ମୁଁ ର ଝଙ୍କାର
ସବୁ ଖାଲି ମୋର ମୋର,
ମୁଁ ର ସ୍ବେଚ୍ଛାଚାରେ ମୁଁ କୁ ହରାଇ ଖେଳୁ ଥାଏ
ନିମିଷ ଦୋଳିରେ
ସତରେ, ଭାରି ଭଲ ଲାଗେ...... ଭାରି ଭଲ ଲାଗେ ।
ନିର୍ଲିପ୍ତ ଚିଦାକାଶେ ଭରିଯାଏ ଲିପ୍ତତାର ମନ ଲୋଭା ସପ୍ତରଙ୍ଗୀ,
ମୁଁ, ଭ୍ରମି ଭବେ ମୁଁ କୁ ପାଇଛି,
ହେଲେ ସେ ଯେ ମୁଁ ରେ ହଜିଛି......ମୁଁ ର ଜାଲ ରେ ଛନ୍ଦି
ମୁଁ କୁ ଖୋଜୁଛି, ଡରୁଛି କାଳେ ଅତି ପରିଚିତ
ଅତି ଆପଣାର ମୁଁ କୁ ହରାଇ ଦେବକି!
କାନକୁ ଶୁଭୁନି ଆଉ "ଅହଂ ସଃ"ର ସ୍ବର୍ଗୀୟ ରାଗିଣୀ
ଆଖିରେ ପଡିଛି ମୁଁ ର ପରଳ, ଦେଖି ସେ ପାରୁନି
ମୁଁ ର ବ୍ୟାପ୍ତ ବିରାଟ ରୂପକୁ
ଶତ ସୂର୍ଯ୍ୟର ମହନୀୟ ଆଭା
ପାଲଟିଛି ଅଭେଦ୍ୟ ତିମିର, ମୁଁ ର ହଳାହଳେ ଚେତନାଶୂନ୍ୟ,
ଶୁଭିଲାଣି ଅନାହତ ଶବ୍ଦ! ମୁଁ ଦେଖୁଛି ମୁଁ ର ଚଳଚିତ୍ର, ନା ଅତୀତ, ନା ଭବିଷ୍ୟତ

ସବୁ ଏଇଠି ଆଉ ବର୍ତ୍ତମାନ ।

ମୁଁ ଏଠି ମୁଦାଲା, ମୁଁ ମୁଦେଇ, ମୁଁ ହିଁ ବିଚାରକ

କାରଣ ମୁଁ ନିଷ୍ପାପ, ନିଷ୍କଳଙ୍କ......

ମୁଁ ର ଶିକୁଳୀ ଭାଙ୍ଗିଛି,

ଆଃ, ମୁକ୍ତିର ଆନନ୍ଦ,

ଦିଶିଲାଣି ଅନ୍ଧାରି ସୁଡଙ୍ଗ,

ଏ! ସେ କିଏ?

ଅତି ଆପଣାର, ଅତି ପରିଚିତ,

ତଥାପି ଆଗରୁ କେବେ ଦେଖିଲା ପରି ମନେ ହେଉନାହିଁ

ସ୍ବର୍ଗୀୟ ସାନ୍ନିଧ, ହାତଠାରି ଡାକୁଛି,

ଓଠରେ ନିଷ୍କାମ ପ୍ରେମର ଚେନାଏ ହସ,

ଶୁଭୁଛି,

ତତ୍ତ୍ବଂ ଅସିଃ......ତତ୍ତ୍ବଂ ଅସିଃ.......ତତ୍ତ୍ବଂ ଅସିଃ ।

# ମରିଚିକା



ସିଲୁ ବେହେରା

ଭଲପାଉଥିଲି କହିନପାରିଲି ତମକୁ ଭଲପାଉଅଛି ବୋଲି
ରାଗ ଅଭିମାନ କରି ତମେ ସାଥି ଯାଇଛକି ଦୂରେ ଚାଲି
କେଉଁଆଡେ ଗଲ କେମିତି ରହିଲ ପାରୁନାହିଁ ଜାଣି ସାଥି
କହିବାକୁ ଥିଲା କେତେ କଥା ମୋର ରହିଗଲା ସବୁ ବାକି – ୧

ଭାବିଥିଲି ମନେ କହିଦେବି ଦିନେ ମୋ ମନର ଅକୁହା କଥା
ସେ ଦିନ ଆସିନି ଚାଲିଗଲ ପ୍ରିୟା ହୃଦୟରେ ଦେଇ ବ୍ୟଥା
ଅପେକ୍ଷା କରିଲେ ହୁଏ କେତେ କଷ୍ଟ ଭାବୁଛି ଆଜି ମୋ ମନେ
ବିଶ୍ବାସ ରଖିଛି ତୁମେ ମୋର ସାଥି ଫେରିଆସିବ ଗୋ ଦିନେ – ୨

ତମେ ଗଲାପରେ ଜୀବନ ଟା ସାରା ଲାଗୁଅଛି ଖାଲି ଖାଲି
ଲାଗୁଛି ଯେମିତି ଏକାକି ଜୀବନେ ପାରିବିନାହିଁ ମୁ ଚାଲି
ତୁମେ ଗଲାପରେ ପୁର୍ଣ୍ଣମୀ ର ରାତି ଲାଗୁଅଛି ଅମାବାସ୍ୟା
ତୁମେ କିବା ସାଥି ବୁଝିପାରିଲନି ମୋର ଆଖି କହୁଥିବା ଭାଷା – ୩

ବୁଝିକି ଅବୁଝା ହେଇଚାଲିଗଲ କରିଦେଇ ମତେ ଏକା
ଭାବିଥିଲି ତମକୁ ଭଲପାଇଲେ ମୁଁ ପାଇବିନି କେବେ ଧୋକା
ପ୍ରେମ ନକରି ମୁଁ ଧୋକା ଖାଇଗଲି କାନ୍ଦୁଛି ମୁଁ ଏକା ଏକା
ପ୍ରେମିକା ବୋଲି ମୁଁ ଯାହକୁ ଭାବିଥିଲି ସେ ଥିଲା ମରିଚିକା – ୪

# ପ୍ରେମଦିବସ (ଭାଲେଣ୍ଟାଇନ୍ ଡେ)



ଅନିଲ କୁମାର ସେଠୀ

'ଭାଲେଣ୍ଟାଇନ୍ ଡ଼େ, ପ୍ରେମ ଦିବସ
ଅପେକ୍ଷାରତ ପ୍ରେମୀ  ମନେ ଆସୁଥାଏ ବାରବାର,
ଯେମିତି ଏଇ ଦିନ କେବଳ ପ୍ରେମ ପାଇଁ
ଆଉ ଏଥିପାଇଁ  'ସରକାରୀ' ଛୁଟି  ଦରକାର  । ।

ବଢ଼ିଯାଏ ଗୋଲାପ ଫୁଲର ଦାମ,
ପାର୍କରେ ଲାଗିଯାଏ ପ୍ରେମୀ ଯୁଗଳଙ୍କ ଲାଇନ,
ଫିଲ୍ମ ର ଟିକେଟ ,ସପିଙ୍ଗ  ଆଉ
କୋଉ ଜାଗାକୁ ବୁଲିବା ପାଇଁ ହୋଇଥାଏ ଆଗରୁ ପ୍ଲାନିଂ  । ।

ପ୍ରେମିକା ମନ ଉଡୁଥାଏ ଏଣେ
ଖୁସି କରିବ,ଭୁଲି ସେ ଲାଜ ସରମ
ପ୍ରେମିକକୁ ତେଣେ କରିବାକୁ ପଡେ
ତାର ପକେଟ ଗରମ  । ।

ବହୁ ପ୍ରତିକ୍ଷିତ ପ୍ରେମିକ ଅପେକ୍ଷା କରି ରହିଥାନ୍ତି
ଖାସ ଆଜିର ଦିନକୁ ,
କାଳେ ବୁଝିଯିବ ତାର ମନର ମୟୂରୀ
କହିଲେ ଆଜି ତାର ମନ କଥାକୁ  । ।

ହେଲେ ବେଳ ଖରାପ ଥିଲେ କାହା କାହାକୁ,
ଦେଖିବାକୁ ପଡେ  ଏମିତି ଏକ ସମୟକୁ

ବଜରଙ୍ଗୀ ଦଳ ପାର୍କରେ ପଶି,
ପିଟନ୍ତି ଅସଜ୍ଞନ୍ତ ପ୍ରେମୀ ଯୁଗଳଙ୍କୁ ||

ତା ପରେ କିଛି କହି ବୁଲନ୍ତି, ରାଧା କୃଷ୍ଣ ପ୍ରେମ କଲେ ଲୀଳା
ଆମେ ପ୍ରେମ କଲେ, କାହା ଦେହରେ କାହିଁକି ଯାଉନି ଭଲା ||
ଯାହା ହେଉ ପଛେ ପ୍ରେମ ଏକ ପବିତ୍ର ସମ୍ପର୍କ,
କର ନାହିଁ ଆକୁ ବଦନାମ,

ନ ଥାଏ ଏଥିରେ କିଛି ସର୍ତ୍ତ ,ଥାଏ ଖାଲି ବିଶ୍ୱାସ,
ପ୍ରତି ମୁହୂର୍ତ୍ତରେ ପ୍ରେମ ଅଛି
ଏଥିପାଇଁ ତିଥି ,ବାର,ଦିନ କଣ ଦରକାର ||

# ପ୍ରଣୟର ସ୍ମୃତି



ଜଗନ୍ନାଥ ରାୟ

ତୁମେ ଆସି ଫେରିଗଲ
ସମ୍ପର୍କରେ ସ୍ମୃତିରେଖା ବାନ୍ଧି,
ଚାଲିଗଲ କେଉଁ ଏକ ଅଜ୍ଞାତ ଇଲାକାରେ
କେତେ ବୁଝିଲ ଅବା ନ ବୁଝିଲ,
ସମ୍ପର୍କର ଜ୍ଞାତ କିନ୍ତୁ ସାଇତି ରହିଲା ମୋ ହୃଦୟରେ ।
ହସିଲ, ଖେଳିଲ ନୂଆ ଏକ ପ୍ରେମର ପିରତି ବାନ୍ଧିଲ
ମନକୁ ମନରେ ଛନ୍ଦି ହୃଦୟରେ କବିତା ଲେଖିଲ;
ଅମାନିଆ ରାଗିଣୀ ତ ପୁଣି କେବେ,
ନିର୍ଜନ ଇଲାକାର ଅଚିହ୍ନା ମୃଗାକ୍ଷୀ ସାଜି
ଫେରିଗଲ ତୁମେ ଆମ ସମ୍ପର୍କରେ ମୋତେ ଏକା କରି;
କାହିଁ କେତେ ଦୂର ଜାଣେନା ମୁଁ,
କିଛି ଭୁଲ୍ ଅବା କିଛି ସମ୍ପର୍କରେ ତିକ୍ତତା
ଅବା ପ୍ରେମର ପରିଧିରେ ସ୍ୱଳ୍ପ ବାସ୍ତବତା ।
ମୁଁ ତ ଏକାନ୍ତ ନାୟକ,
ତୁମ ପ୍ରୀତି ଅନ୍ତରାଳେ ସ୍ତବ୍ଧ ବାରମାସୀ ପାଗଳ ଭ୍ରମର
ସମ୍ପର୍କର ସୀମା ତଳେ ତୁମ ପାଇଁ ମୁଁ ନିହତ ପ୍ରେମିକ ।
ଜାଣିଛି ତୁମ ପୁନଶ୍ଚ ଫେରିବାର ବାଟ ବନ୍ଦ
ପଛକୁ ଫେରିବାର ଚଞ୍ଚଳ ପାଦ ଦୁଇଟି
ଏବେ ସେହି ଅଜ୍ଞାତ ଇଲାକାରେ...
ଚାହିଁଲେ ବି ବାଷ୍ପ ହୋଇ ଉଡି ଆସିପାରିବନି,
ସ୍ୱା ଶବ୍ଦ ହୋଇ ଶୁଣିପାରିବନି ।
ମୁକୁଳି ପାରିବନି ସେହି ନିଷିଦ୍ଧ ସୀମା ଭିତରୁ; କିନ୍ତୁ ,
ମୁଁ କିନ୍ତୁ ହାରିଯାଇନି, ଯାହା ତୁମେ ଭାବ ।
ମୁଁ ତ ମିଶି ଯାଇଛି ତୁମ ସହ
ଅନ୍ଧାରରେ, ଆଲୁଅରେ
ଲୁହରେ, ଲୁହରେ
ପିଇ ଯାଇଛି ତୁମକୁ ପ୍ରତି ପ୍ରଶ୍ୱାସରେ ।

# ମୁଁ କିଏ ?


ଅରବିନ୍ଦ ଆଚାର୍ଯ୍ୟ

'ମୁଁ' ଜନ୍ମ ନେଲା । ଜନ୍ମବେଳେ ଜାଣିନଥିଲା ସିଏ 'ମୁଁ' ବୋଲି । ଆଖି ଖୋଲିଲା ବେଳକୁ ଯେଉଁ ସବୁ ଜିନିଷ ଦେଖିଲା ପ୍ରଥମେ ଆଶ୍ଚର୍ଯ୍ୟ ହୋଇ ଚାହୁଁଥିଲା ବଡ଼ ବଡ଼ ମୁହଁ, ଆଉ ଠିକ୍ ତାରି ଭଳି ହାତଗୋଡ଼ ଥିବା ଜୀବମାନେ ଠିଆ ହୋଇ ଅବା ତା ପାଖରେ ବସି କେତେ କଣ କରୁଥିଲେ । ଆଉ ଜଣେ ସ୍ନେହମୟୀ ତା'ର ଖୁବ୍ ପାଖରେ ଥିଲେ । 'ମୁଁ' କାନ୍ଦି ଉଠିଲା । କିନ୍ତୁ ନିଜ ଶବ୍ଦମଧ ସେ ନିଜେ ବାରି ପାରୁନଥିଲା । କିଛି ସମୟପରେ ଅନୁଭବ କଲା କିଛି ତରଳ ପଦାର୍ଥ ତାର ମୁହଁରେ ଢାଳି ଦିଆଯାଇଛି । ସେ ଅନୁଭବ କରୁଥିଲା ତାକୁ ସେ ଅକ୍ଲେଷରେ ଆତ୍ମସାତ୍ କରି ପାରୁଛି । ଖୁସିରେ ହାତଗୋଡ଼ ହଲାଇଲା । ବର୍ତ୍ତମାନ ତାର କାମ ହୋଇଗଲା କେବଳ କାନ୍ଦିବା, ହାତଗୋଡ଼ ହଲେଇବା ଆଉ ଶୋଇବା ।

ଧିରେ ଧିରେ ତା ସାମ୍ନାକୁ ନୂଆ ନୂଆ ମୁହଁଟି ମାନ ଆସିଲା । ବର୍ତ୍ତମାନ ସେ ଅନୁଭବ କଲା ସେମାନେ କିଛି କହୁଛନ୍ତି । ତାଙ୍କୁ ଅନୁସରଣ କରିବାରେ ଲାଗିଲା । ଆରେ! ସିଏ ଏବେ ଅନେକ ଶବ୍ଦ ଉଚ୍ଚାରଣ କରି ପାରୁଛି । ସିଏ ଆଶ୍ଚର୍ଯ୍ୟ ହେଲା । ସମୟାନୁକ୍ରମେ ଦେଖିଲା ତାକୁ ଆଉ ନୂଆ ମୁହଁ ଗୁଡ଼ିକ ଅଦ୍ଭୁତ କିମ୍ବା ବଡ଼ ଲାଗୁନି । ତାପରେ ସେ କ୍ରମେ କ୍ରମେ ହାତଗୋଡ଼ର ବ୍ୟବହାର କରି ବିଭିନ୍ନ ପ୍ରକାର ଭଙ୍ଗୀ ସୃଷ୍ଟି କଲା । ଦିନେ ସେ ଆବିଷ୍କାର କଲା ଯେ ସିଏ ତାର ସମସ୍ତ ଶରୀରକୁ ନିଜ ଇଚ୍ଛାନୁସାରେ ଏପାଖ ସେପାଖ କରି ପାରୁଛି । ହାତ ଛାଡ଼ି ଠିଆ ହୋଇ ଚାଲି ବି ପାରୁଛି । ଆଉ ଦେଖୁ ଦେଖୁ ଏ ସଂସାରର ମାୟାମୋହରେ ପଶିଯିବାକୁ ତାକୁ ଖୁବ୍ କମ ସମୟ ଲାଗିଲା ।

ଏବେ ସେ ଜାଣୁଥିଲା ଯେ ସ୍ନେହ ଦେଉଥିବା ମହିଳା ଜଣକ ତା' ମା ବୋଲି । ମା' ଶବ୍ଦର ଉଚ୍ଚାରଣ ଶିକ୍ଷାକଲା ଓ ବ୍ୟବହାର କଲା ମଧ । ଏବେ ତା ଚାରିପାଖର ପରିବେଶ ତାର ଦେହ ସୁହା ହୋଇଗଲା । ଏବେ ସେ ଜାଣିପାରିଲା ତାର ନିଜ ଲୋକ ଓ ପରଲୋକ ବିଷୟରେ । ଚାରି ପାଖରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଚାଲିଚଳନ, କଥାଭାଷାକୁ ଅନୁସରଣ କରି ଅନେକ କିଛି ଶିଖିଗଲା ।

ଏବେ ସିଏ ଅନୁଭବ କରୁଛି ତା'ଠାରୁ ମଧ କେତେଜଣ ଛୋଟ ଅଛନ୍ତି । ଯେଉଁ

ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ମାନଙ୍କ ଉପରେ ସେ ହୁକୁମ୍ ଚଳେଇ କରିପାରିବ ଯେମିତି ତା'ଠାରୁ ବଡ଼ମାନେ ତା ସହ କରନ୍ତି |

ଏବେ ସେ ପୂର୍ବକଥା ସବୁ ଭୁଲି ଯାଇଛି | ବର୍ତ୍ତମାନ ତାର ଦାୟିତ୍ୱବୋଧ ଆସିଲାଣି | ପ୍ରତିଦିନ ସେ କିଛି କିଛି ନୂଆ କଥା ଶିଖୁଛି | ସମସ୍ତେ ତାକୁ କିଛି ନା କିଛି କହି ସମ୍ବୋଧନ କରୁଛନ୍ତି | ତା ନାଁ ବର୍ତ୍ତମାନ '....' ବୋଲି ସେ ଜାଣିଲାଣି | ପାଠ ପଢ଼ିବାକୁ ପଡ଼ିବ ବୋଲି ସେ ଅନ୍ୟମାନଙ୍କ ଠାରୁ ତାଗିଦ ପାଉଛି | ତାର ସ୍ୱାଧୀନତାର ପରିସର କ୍ରମଶଃ ଛୋଟ ହୋଇଗଲା ପରି ଅନୁଭବ କରୁଛି ସିଏ |

ବର୍ତ୍ତମାନ ସିଏ ଖୁବ୍ ବଡ଼ ହୋଇଗଲାଣି | ସାଧାରଣ ନାଗରିକ ପରି ଜୀବନଯାପନ କରୁଛି | ବିବାହ ମଧ୍ୟ ହୋଇଗଲାଣି | ଦାୟିତ୍ୱବୋଧର ବୋଝ କ୍ରମଶଃ ବଢୁଛି ବୋଲି ଅନୁଭବ କଲାଣି | କ୍ରମେ ନୂତନ ଆଗନ୍ତୁକଙ୍କୁ ସ୍ୱାଗତ ମଧ୍ୟ କଲା | ସେତେବେଳକୁ ସେ ନିଜର ସୃଷ୍ଟି ବିଷୟରେ ସମ୍ପୂର୍ଣ୍ଣ ରୂପେ ଅଜ୍ଞ ହୋଇଯାଇଥିଲା | ମୁଣ୍ଡର ଆକାର ବଢ଼ିଚାଲିଥିଲେ ମଧ୍ୟ ସ୍ମରଣ ଶକ୍ତି ତାର କ୍ରମଶଃ ଲୋପ ହୋଇଯାଉଥିଲା | 'ପୁରୁଣା କଥା' କରି ସେ ସବୁକୁ ଏଡ଼ାଇ ଚାଲିଯିବା ତାର ସ୍ୱଭାବ ହୋଇଗଲା |

ଦିନେ ହଠାତ୍ ଧକ୍କା ଅନୁଭବ କଲା | ତାର ସେଇ ସ୍ନେହମୟୀଙ୍କୁ ସେ ଚିରଦିନ ପାଇଁ ହରାଇଲା | ଏମିତି ଅନେକ ମଧ୍ୟ ତା'କୁ ଛାଡ଼ି ଦେଇ ଚାଲିଗଲେ | ଅନୁଭବ କଲା ମାୟାଜାଲର କାରସାଦି | ଯେଉଁ କୁହୁଡ଼ି ଭିତରକୁ ନିଜେ ପଶିଯାଉଥିଲା ସେଇ କୁହୁଡ଼ିର ଆର ପଟ ମଧ୍ୟ ଦେଖି ପାରିଲା | ନିଜକୁ ବୟସ୍କ ବୋଲି ଅନୁଭବ କଲା | ତା'ର ମଧ୍ୟ ସନ୍ତାନ ସନ୍ତତିଙ୍କ ପ୍ରତି କର୍ତ୍ତବ୍ୟବୋଧକୁ ଧ୍ୟାନ ଦେଲା | କିଛି ଦିନପରେ ସଂସାରରେ ପ୍ରତ୍ୟେକ କାର୍ଯ୍ୟ ତା'ର ସରିଗଲା ବୋଲି ଭାବିଲା | ସବୁକିଛି ପୁରୁଣା ଲାଗିଲା |

'ମୁଁ'ର ଶରୀର କ୍ରମଶଃ ନିସ୍ତେଜ ହୋଇ ଆସୁଥିଲା | ତା'ଚାରି ପାହରେ ଲୋକମାନେ ଠିକ୍ ସେହିପରି ଭାବରେ ରୁଣ୍ଡ ହୋଇଥିଲେ ଯେପରି ତା'ର ଆଗମନ ବେଳେ ହୋଇଥିଲେ | ତଫାତ ଏତିକି ଯେ, ସେତେବେଳେ ସେ କାହାକୁ ଜାଣିନଥିଲା କି

ଚିହ୍ନିନଥିଲା | କିନ୍ତୁ ବର୍ତ୍ତମାନ ସେ ଏମାନଙ୍କୁ ସବୁ ଚିହ୍ନିଛି, ଜାଣିଛି, ଖୁବ୍ ଭଲ ଭାବରେ ଜାଣିଛି | କେବଳ କେତେକ ପୁରୁଣା ମୁହଁ ବଦଳରେ ନୂଆ ମୁହଁକୁ ଦେଖୁଛି | ସିଏ ଆସିଲା ବେଳେ ତା ମୁଣ୍ଡରେ କିଛି ଚିନ୍ତା ନଥିଲା କିନ୍ତୁ ବର୍ତ୍ତମାନ ତା ମୁଣ୍ଡରେ ବୋଝ ଲଦା ହେବାପରି ଲାଗୁଛି | 'ମୋହ'ର ଟାଣ ଦଉଡ଼ିକୁ ସେ ଛିଣ୍ଡାଇ ପାରୁନି | ତା'ର ଆଗମନବେଳେ ଯେଉଁ ମୋହ ସୂତାଖିଅ ପରି ତା'ଚାରିପାଖରେ ଗୁଡ଼େଇ ହୋଇଥିଲା, ବର୍ତ୍ତମାନ ତାହା ଟାଣ ଦଉଡ଼ି ହୋଇ ତା'କୁ ଭିଡ଼ି ଧରିଛି | ଆସିଲା ବେଳେ ତା ଚାରିପାଖରେ ଆନନ୍ଦର ବାତାବରଣ ଅନୁଭବ କରୁଥିଲା, କିନ୍ତୁ ବର୍ତ୍ତମାନ ତା ଚାରିପାଖ ନୀରବ ନିସ୍ତବ୍ଧ ବୋଧ ହେଉଛି | କଣ ସମସ୍ତେ ଦୁଃଖ କରୁଛନ୍ତି ? ହୋଇଥାଇ ପାରେ | ତା'ର ଚକ୍ଷୁ କ୍ରମଶଃ ବନ୍ଦ ହୋଇ ଆସୁଛି | ଯେଉଁ ଚକ୍ଷୁ ତାକୁ ଏତେଦିନ ଧରି ସାହାଯ୍ୟକରି ଆସିଥିଲା, ବର୍ତ୍ତମାନ ସେ ଆଉ ଆୟତ୍ତାଧିନ ହୋଇ ରହୁନାହିଁ | ଯେଉଁ ଆଲୋକ ତା'ର ଚକ୍ଷୁକୁ ଉଜ୍ଜ୍ୱଳତା ଦ୍ୱାରା ପ୍ରଥମ ଥର ପାଇଁ ଚମକାଇ ଦେଇଥିଲା, ସେ ମଧ୍ୟ ବର୍ତ୍ତମାନ ନିଷ୍ପ୍ରଭ ହୋଇଯାଉଛି | ହାତଗୋଡ଼ କେବେଠାରୁ ତାଙ୍କର ଅବସରପ୍ରାପ୍ତିର ସୂଚନା ଦେଇସାରିଥିଲେ | କିନ୍ତୁ 'ମୁଁ' ଏ ପର୍ଯ୍ୟନ୍ତ ଶରୀରକୁ ଜାବୁଡ଼ି ଧରିଛି |

ବର୍ତ୍ତମାନ ସେ ଅନୁଭବ କରୁଛି, 'ସୃଷ୍ଟିର ଧ୍ବଂସ ଅବଶ୍ୟମ୍ଭାବୀ' | ଏହି ସମୟରେ ତା ପାଟିରେ କିଛି ତରଳ ପଦାର୍ଥ ଦିଆଗଲା | ବୋଧହୁଏ ସେଇ ପ୍ରଥମ ବେଳର ଅମୃତ କିଛି ବାକି ରଖି ତା'ପାଇଁ ଛାଡ଼ି ଚାଲିଯାଇଥିଲେ ତାର ସ୍ନେହମୟୀ | ପାଖରେ ଅସ୍ପଷ୍ଟ ଗୁଞ୍ଜରଣ -

"ରାମ ନାମ ସତ୍ୟ ହେ! ହରିନାମ ସତ୍ୟ ହେ!"

# ସେଫେଇ ମହୋତ୍ସବ



ହିତେଶ୍ ମହାପାତ୍ର

ରକ୍ତରେ ଭିଜୁଛି ମାଟି
ପାଣି ବୁନ୍ଦେ ପାଇଁ
ଶୁଖି ଯାଉଛି ପାଟି
ଶୀତର ଶୀତଳ ପ୍ରହାରରେ
ନିରୀହ ଲୋକଙ୍କ
ଦେହ ବି ଗଲାଣି ଫାଟି...
କାନ ହୋଇ ଯାଇଛି ବଧିର
ଆଖି ଉପରେ ବନ୍ଧା
ସେଫେଇର ପଟି
ମୁଜାଫରନଗରର ହାହାକାର
ଭେଦି ପାରୁନି, ସେଫେଇରେ
ବନ୍ଧା, ମୋଟା ଚଦର...
ଶୀତ କାକର ଓ ଭୋକରେ
ଜଳୁଛି ଗରିବ ଜନତା
କଳାକାର ମାନଙ୍କର
ନଗ୍ନଦୃଶ୍ୟ ଦେଖି
ନେତା ହରାଇଛନ୍ତି ଚେତା...
ନୋଟ୍ ବଦଳେ ଭୋଟ୍‌ର
ଏହା ହିଁ ପରିଣାମ
ନିଜ ହାତେ ନିଜ ଭାଗ୍ୟ ଗଢ଼ି
ଏବେ ଡାକିଲେ କଣ ହେବ
ରାମ ନାମ...

# ଗଙ୍ଗଶିଉଳୀ



ଶ୍ରୀ ସୂର୍ଯ୍ୟକାନ୍ତ ଦାଶ

ଶୀତ ସକାଳର ଶିଶିର ଟୋପାରେ
ଝଡ଼ି ପଡ଼ ତୁମେ କାଳେ କାଳେ
ଧୋବ ଫର ଫର କୁଆଁରୀ ଦେହଟା
ନାରଙ୍ଗୀ ରଙ୍ଗର ଭାବନାରେ ...

ଲୋଟି ପଡ଼େ ସବୁ ପାହାନ୍ତି ସକାଳେ
ସବୁଜ ରଙ୍ଗ ବାହୁରେ
ଘାସ ଗାଲିଚାରେ କମ୍ପିତ ମେଦିନୀ
ତୋଳି ଧରେ ବାରମ୍ବାରେ ...

ମାଖିଛ କି ଦେହେ ସୁବାସ ଅତର
ଭାସି ଆସେ ପବନରେ
ଆନମନା ମନ ତରଳି ଉଠେ ଯେ
ତାର ମିଠା ମିଠା ବାସ୍ନାରେ ...

ମନ ମୋହେ ତାର ରୁପା ଝରା ଦେହ
ପ୍ରେମିକ ପ୍ରେମିକା ମନରେ
ଗଂଗ ଶିଉଳି ର ସୁନ୍ଦର ଦେହଟା
ଶୋଭାପାଏ ପ୍ରେମିକା ଗଭା ରେ ...

# ହାସ୍ୟ ଚିକିତ୍ସା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆପଣ ରାସ୍ତାରେ ଚାଲିଯାଉଥିବେ ଏବଂ କୌଣସି ଖେଳ ପଡ଼ିଆ ଭିତରେ ଠିଆ ହୋଇ ଛାତି ପିଟି ହୋ ହୋ ହୋଇ ହସୁଥିବା କିଛି ମହିଳା ଏବଂ ଭଦ୍ରଲୋକଙ୍କୁ ଦେଖିଲେ କଣ ଭାବିବେ ? ଏମାନେ ପାଗଳ ନୁହନ୍ତି ତ ? ଏତେ ସକାଳୁ ବ୍ୟାୟାମ କରିବା ଛାଡ଼ିଦେଇ ଗୋଟିଏ ଜାଗାରେ ଠିଆ ହୋଇ ହୋ ହୋ ହୋଇ ହସୁଛନ୍ତି ପୁଣି ଭିନ୍ନ ଭିନ୍ନ ପ୍ରକାରର ହସ | ଏହା ପୁଣି କଣ ? ଆଜ୍ଞା ସେମାନେ ପାଗଳ ହୋଇନାହାନ୍ତି, ବରଂ ନିଜକୁ ପାଗଳ ନ କରିବା ପାଇଁ ଏକ ପ୍ରକାର ଚିକିତ୍ସାକୁ ବ୍ୟବହାର କରୁଛନ୍ତି | ହାସ୍ୟ ଚିକିତ୍ସା |

ହସିବା ଦ୍ବାରା କଣ କେବେ ରୋଗ ଭଲ ହୋଇପାରିବ ? ଅନେକ ବନ୍ଧୁ ମନେ ମନେ ହସୁଥିବେ ଆଉ ଭାବୁଥିବେ ଡାକ୍ତର ବାବୁ ପାଗଳ ହେଇଯାଇଛନ୍ତି ନା କଣ ! ଅବିଶ୍ବାସ ହେଉଥିଲେ ବି ସତ୍ୟ, ହସ ଏକ ଚିକିତ୍ସା ପ୍ରଣାଳୀର ସ୍ଥାନ ନେଇ ସାରିଲାଣି | କେବଳ ବଡ଼ ବଡ଼ ମେଟ୍ରୋ ମାନଙ୍କରେ ନାହିଁ ବରଂ ଆମ ଦେଶର ଅନେକ ସାନବଡ଼ ସହର ମାନଙ୍କରେ ବି ଏହାର ବହୁଳ ବ୍ୟବହାର ଦେଖାଗଲାଣି |

ମନ ଖୋଲି ହସନ୍ତୁ, ଆପଣ ସୁସ୍ଥ ରହିବେ, ଆପଣଙ୍କ ମନ ଓ ଶରୀର ଉଭୟ ସୁସ୍ଥ ରହିବ | ମାନସିକ ଅବସାଦ ଦୂର ହେବ | ମନେ ରଖନ୍ତୁ ଆପଣ ଯେତେବେଳେ ମାନସିକ ଅବସାଦରେ ଥିବେ ସେଇ ସମୟରେ ମନଖୋଲି ହସିଲେ ଆପଣଙ୍କ ଚିନ୍ତା ଦୂର ହେବ | ଏହା ବିଜ୍ଞାନ ସମ୍ମତ | ଜାଣତରେ ହେଉ ଅବା ଅଜାଣତରେ, କାରଣ ଥାଉ ବା ନଥାଉ, ଏକା ଥାଆନ୍ତୁ ଅବା ଦଳରେ, ହସିବା ଦ୍ବାରା ଆପଣଙ୍କ ଜୀବନକୁ ଏକ ନୂତନ ଉର୍ଜା (ଶକ୍ତି) ମିଳିପାରିବ | ସେଇଥିପାଇଁ ହସିବାକୁ ଯୋଗାସନ ସହ ସମାନ ବୋଲି ମନେ କରାଯାଇଛି | ଏହି ସମୟରେ ଅଭୁତପୂର୍ବ ମାନସିକ ଶାନ୍ତି ମିଳିଥାଏ |

ହାସ୍ୟ ଚିକିତ୍ସାର ଇତିହାସ

ପ୍ରାୟ ତିନି ହଜାର ବର୍ଷ ତଳେ ଚୀନରେ ଜଣେ ସାଧୁ ରହୁଥିଲେ ତାଙ୍କ ନାମ ଥିଲା ହୋତେ'ଇ | ସେ ଏକ ବିରଳ ପ୍ରକାରର ଯୋଗ କରୁଥିଲେ | ସେ ଗାଁ ଗାଁ ବୁଲି ଗାଁ ବାହାରେ ଏକ ଖୋଲା ପଡ଼ିଆ ପାଖରେ ଠିଆ ହୋଇ ହୋ ହୋ ହୋଇ ହସୁଥିଲେ |

ପ୍ରଥମେ ପ୍ରଥମେ ଲୋକମାନେ ତାଙ୍କୁ ପାଗଳ ବୋଲି ଭାବୁଥିଲେ, ପରେ ପରେ ସେମାନେ ମଧ୍ୟ ସାଧୁଙ୍କୁ ଦେଖି ଅନୁକରଣ କରି ହସିବାକୁ ଲାଗିଲେ | ହୋତେ'ଇ ଙ୍କୁ ଦେଖିବା ମାତ୍ରେ ଲୋକମାନେ ହସିବା ଆରମ୍ଭ କରିଦେଉଥିଲେ | ହେଲେ ସେ ଯେଉଁ ଯେଉଁ ଜନପଦରେ ବୁଲି ବୁଲି ଏମିତି ହସୁଥିଲେ ସେଇ ସବୁ ଅଞ୍ଚଳରେ ଲୋକମାନଙ୍କ ସ୍ୱାସ୍ଥ୍ୟରେ ଅଭୁତପୂର୍ବ ଉନ୍ନତି ଦେଖାଦେଲା | ତେଣୁ ଧିରେ ଧିରେ ସେ ପ୍ରସିଦ୍ଧ ହୋଇଗଲେ, ଏବଂ ଲୋକମାନେ ତାଙ୍କୁ ଲାଫିଙ୍ଗ୍ (ହସୁଥିବା) ବୁଦ୍ଧ ବୋଲି ନାଁ ଦେଲେ |

ଆମର ପ୍ରାଚୀନ ଗ୍ରନ୍ଥାବଳୀରେ ଆଠପ୍ରକାରର ହାସ୍ୟରସ କଥା କୁହାଯାଇଛି, ଯେଉଁଥିରୁ ତିନୋଟି ପ୍ରକାରକୁ ସାଧାରଣତଃ ହାସ୍ୟ ଚିକିତ୍ସା ପଦ୍ଧତିରେ ବ୍ୟବହାର କରାଯାଏ | ଯଥା ମନଖୋଲା ହସ ବା ଅଟ୍ଟହାସ୍ୟ, ନିରବତାର ହସ ବା ମୌନହସ ଏବଂ ଘୋଡ଼ାପରି ହସ |

ଆମେରିକାର ବିଖ୍ୟାତ ମନୋଚିକିତ୍ସକଡା ୱିଲିୟମ୍ ଫ୍ରାଇ ବିଗତ ୩୦ ବର୍ଷ ହେଲା ନିଜ ରୋଗୀମାନଙ୍କୁ ନେଇ ହାସ୍ୟ ଚିକିତ୍ସା ଉପରେ ଗବେଷଣା କରି ଆସୁଛନ୍ତି | ତାଙ୍କ ମତରେ ହାସ୍ୟ ଚିକିତ୍ସା ଦ୍ୱାରା ମାନସିକ ରୋଗୀ ଖୁବ ଶୀଘ୍ର ଆରୋଗ୍ୟ ଲାଭ କରିପାରିବ | ସେହିପରି ଲଣ୍ଡନର ଜନୈକ ଡା ରବର୍ଟ୍ ମଧ୍ୟ ବିଗତ ୨୦ ବର୍ଷ ହେଲା ଏହା ଉପରେ ଗବେଷଣା କରି ଆସୁଛନ୍ତି ଏବଂ ସେ ନିଜ ରୋଗୀମାନଙ୍କୁ ମନଖୋଲି ହସିବାପାଇଁ ପ୍ରୋତ୍ସାହିତ ବି କରିଆସୁଛନ୍ତି |

ଆମେରିକାର ଏକ ବିଖ୍ୟାତ ପତ୍ରିକାର ସମ୍ପାଦକ ଶ୍ରୀ ନର୍ମାନ୍ କୌଜିନ୍ ଯେତେବେଳେ ବ୍ୟାଧିଗ୍ରସ୍ତ ହୋଇପଡ଼ିଥିଲେ ସେ ହାସ୍ୟ ଚିକିତ୍ସାର ସହାୟତା ନେଇଥିଲେ ଏବଂ ସମ୍ପୂର୍ଣ୍ଣ ନିରୋଗ ହୋଇପାରିଥିଲେ ବୋଲି ତିନୋଟି ବହି (Anatomy of Ill-ness, Healing Heart ଏବଂ Head First - Biology of Hope) ରେ ଲେଖିଛନ୍ତି | ସେ ଏହି ସବୁ ପୁସ୍ତକରେ ଲିପିବଦ୍ଧ କରିଛନ୍ତି ଯେ ସେ ଯେତେବେଳେ ଗଳାର ହାଡ଼ରେ ସ୍ପଣ୍ଡିଲାଇଟିସ୍ ରୋଗରେ ପୀଡ଼ିତ ଥିଲେ ଏବଂ ଏହି ସମୟରେ ହୃଦରୋଗରେ

ଆକ୍ରାନ୍ତ ହୋଇଥିଲେ, ସେ ଦୈନିକ ଅନ୍ୟୁନ ୩୦ ମିନିଟ୍ ଟିଭିରେ ବିଭିନ୍ନ ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ମାନ ଦେଖି ମନଖୋଲା ହସ ହସୁଥିଲେ ଏବଂ ସେ ନିଜ ବ୍ୟାଧିରୁ ମୁକ୍ତ ହେବାର ସମସ୍ତ ଶ୍ରେୟ ହାସ୍ୟ ଚିକିତ୍ସାକୁ ଦିଅନ୍ତି | ସେ ନିଜର ତୃତୀୟ ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ ହସିବା ଦ୍ବାରା ଜନୈକା ଶ୍ରୀମତି ୟଙ୍ଗଙ୍କ ସ୍ତନକର୍କଟ ଭଲ ହୋଇପାରିଥିଲା |

ତା'ହେଲେ ହାସ୍ୟ ଚିକିତ୍ସା କଣ ?

ହସିବା ଏକ ସାଧାରଣ ଦେଖାଯାଉଥିବା ଅସାଧାରଣ ବ୍ୟାୟାମ ଯାହା ଯେକୌଣସି ବ୍ୟକ୍ତି ଏକାନ୍ତରେ ହେଉ ଅବା ଦଳରେ ହେଉ କରିପାରିବ | ଏଥି ପାଇଁ ଆପଣଙ୍କୁ କୌଣସି ଦାମୀ ତାଲିମ ନେବାକୁ ପଡ଼ିବ ନାହିଁ କିମ୍ବା ଦାମୀ ଉପକରଣ କିଣିବାକୁ ପଡ଼ିବ ନାହିଁ | ଦଳଗତ ଭାବରେ ଏହାକୁ କଲେ ଉତ୍ସାହିତ ହେବେ ଏବଂ ଏହା ସବୁବେଳେ ଜାରୀ ରହିବ | ଏହା କରିବା ପରେ ଆପଣ ବିରକ୍ତିଭାବ ପ୍ରକାଶ କରିବେ ନାହିଁ ଏବଂ ଦୈନିକ ମାତ୍ର ଅଧଘଣ୍ଟା ସମୟ ଦେବାକୁ ହେବ | ଏଥିପାଇଁ ଆପଣଙ୍କୁ କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ | ଦୈନିକ ଦଳଗତ ଭାବରେ ଏହାକୁ କଲେ ଆପଣ ସାମାଜିକ ବନ୍ଧୁତ୍ବ ଏବଂ ପରସ୍ପରପ୍ରତି ସ୍ନେହ ସମ୍ମାନ ଓ ଶ୍ରଦ୍ଧାର ଆଦାନପ୍ରଦାନ କରି ନିଜକୁ ଜଣେ ଭଦ୍ର ବ୍ୟକ୍ତି ଭାବରେ ଗଢ଼ି ତୋଳିବେ | ଏହି ସବୁ ବ୍ୟାୟାମ ଦ୍ବାରା ଶରୀରକୁ କୌଣସି ପ୍ରକାର ଅସୁବିଧା ହୁଏ ନାହିଁ |

ହାସ୍ୟ ଚିକିତ୍ସା କୁ ଆମେ ଦୁଇ ଭାଗରେ ବିଭକ୍ତ କରି ପାରିବା;

୧. ହାସ୍ୟ ପ୍ରାଣାୟାମ

୨. ସମ୍ପୂର୍ଣ୍ଣ ଶରୀରର ବ୍ୟାୟାମ

ହାସ୍ୟ ପ୍ରାଣାୟାମ

ଏଥିରେ ବ୍ୟକ୍ତିକୁ ମୁହଁ ଖୋଲି ମନ ଖୋଲା ହସ (ଅଟ୍ଟହାସ୍ୟ) ହସିବାକୁ ହେବ | ତା'ପରେ ନିରବତାର ସହ ମୌନହସ ହସିବାକୁ ହେବ | ଏବଂ ଶେଷରେ ଅଶ୍ବପରି ହସ ହସିବାକୁ ହେବ | ଏହା ଘରେ ବା ବାହାରେ ଯେ କୌଣସି ସ୍ଥାନରେ କରି ପାରିବେ | ଏହା

କରିବା ସମୟରେ ନିଜ ହାତକୁ ଉପରକୁ ଟେକି ରଖିବେ ଏବଂ ଅଣ୍ଟା ପାଖରୁ ଆଗକୁ ନୋଇଁବାକୁ ଚେଷ୍ଟା କରିବେ |

ସମ୍ପୂର୍ଣ୍ଣ ଶରୀର ବ୍ୟାୟାମ

୧. ଏଥିରେ ପ୍ରଥମେ ନିଜ ଶରୀରକୁ ଢିଲା ଛାଡ଼ିଦେଇ ନିଜ ଥୋଡ଼ିକୁ ଛାତିରେ ଲଗେଇବେ ଏବଂ ଏପାଖ ସେପାଖ ବୁଲେଇବେ, ଏହା ଫଳରେ ବେକରେ କୌଣସି କଷ୍ଟ ରହିବ ନାହିଁ |

୨. ଏହା ପରେ ହାତକୁ ବିସ୍ତାର କରିବେ ଏବଂ ଆଗ ପଛ କରି ବୁଲେଇବେ |

୩. କହୁଣି ପାଖରୁ ପୁଣି ହାତକୁ ଭାଙ୍ଗିବେ ଏବଂ ସିଧା କରିବେ |

୪. ହାତର କଟିକୁ ଚାରିପାଖରେ ବୁଲେଇବେ |

୫. ହାତର ଆଙ୍ଗୁଠି ଗୁଡ଼ିକୁ ଖୋଲିବେ ପୁଣି ବନ୍ଦ କରିବେ |

୬. ବିଶ୍ରାମ ଭାବରେ ଠିଆ ହୋଇ ଅଣ୍ଟାକୁ ଏପାଖ ସେପାଖ ଓ ଆଗପଛ କରି ବୁଲେଇବେ |

୭. ଆଣ୍ଠୁ ପାଖରୁ ଗୋଡ଼କୁ ଉପରକୁ ଉଠେଇବେ ପୁଣି ସିଧା କରିବେ |

୮. ଚେୟାରରେ ବସିବା ଭଳି ହେବେ, ଏହାଦ୍ବାରା ଅଣ୍ଟା ଓ ଆଣ୍ଠୁର ଗଣ୍ଠିରେ ଦରଜ ହେବ ନାହିଁ |

୯. ଗୋଡ଼ର ସମସ୍ତ ଗଣ୍ଠିକୁ ବି ଚାରିପାଖରେ ବୁଲେଇବେ |

୧୦. ଅଣ୍ଟାକୁ ନିଜ ଶରୀରର ଚାରିପାଖରେ ବୁଲେଇବେ |

୧୧. ଅଣ୍ଟା ପାଖରୁ ସିଧା ନୋଇଁବେ ଏବଂ ହାତର ଆଙ୍ଗୁଠିରେ ଆଣ୍ଠୁକୁ ଛୁଇଁବାକୁ ଚେଷ୍ଟା କରିବେ |

୧୨. ସିଧା ଠିଆ ହୋଇ ଆଗକୁ ପଛକୁ କରି ନିଜର ସମସ୍ତ ଶରୀରକୁ ବୁଲେଇବେ |

ଉପରୋକ୍ତ ସମସ୍ତ ବ୍ୟାୟାମ ଶରୀରର ଶକ୍ତି ଓ ସାମର୍ଥ୍ୟ ସମେତ ଗଣ୍ଠି ଓ ମାଂସପେଶୀକୁ ସବଳ କରିବାପାଇଁ କରିବେ | ଏହି ସମସ୍ତ ବ୍ୟାୟାମ ମାତ୍ର ପନ୍ଦର ମିନିଟ୍ ପାଇଁ କରିବେ |

ଦିନର ଯେ କୌଣସି ସମୟରେ ଆପଣ ଏହି ବ୍ୟାୟାମ କରିପାରିବେ, କିନ୍ତୁ ଖାଦ୍ୟଗ୍ରହଣର ଅନ୍ୟୁନ ତିନିଘଣ୍ଟା ଭିତରେ ଏହା ସବୁ କରିବେ ନାହିଁ | ଯଦି ଆପଣଙ୍କ ଉଚ୍ଚ ରକ୍ତଚାପ ଥାଏ କିମ୍ବା କୌଣସି ପ୍ରକାରର ହୃଦରୋଗ ଥାଏ ତେବେ ଡାକ୍ତରୀ ପରାମର୍ଶ ପରେ ହିଁ ଏହା କରିବେ |

ବିଜ୍ଞାନ ସମ୍ମତ ଯେ ହାସ୍ୟ ଚିକିତ୍ସା ଏକ ଉନ୍ନତ ବ୍ୟାୟାମ

ସମ୍ପୂର୍ଣ୍ଣ ଶରୀରର ବ୍ୟାୟାମ ସମୟରେ ହୃଦପିଣ୍ଡର ଗତି ବଢ଼ିଥାଏ, ଶ୍ବାସ ପ୍ରକ୍ରିୟା ବି ତ୍ବରାନ୍ବିତ ହୁଏ, ଏବଂ ରକ୍ତଧମନୀରେ ଚଞ୍ଚଳ ଗତିରେ ବହେ | ଏହା ଫଳରେ ଶରୀରକୁ ଅଧିକ ପରିମାଣର ଅମ୍ଳଜାନ ମିଳେ | ଏହା କଠିନ ବ୍ୟାୟାମ ଦ୍ବାରା ସମ୍ଭବ ହେଉଥିବା ବେଳେ ହସିବା ଦ୍ବାରା ଏହା ହୋଇଥାଏ |

ଏହି ସବୁ ବ୍ୟାୟାମ ଦ୍ବାରା ଶରୀରର ମାଂସପେଶୀ ଓ ଗଣ୍ଠି ସବୁ ସୁସ୍ଥ ରହେ | ଏବଂ ରୋଗ ହୁଏନାହିଁ | ଆପଣ ଏହାଦ୍ବାରା ଶରୀରରୁ ଅତ୍ୟଧିକ ମେଦବୃଦ୍ଧି ହୋଇଥିଲେ କମ କରିପାରିବେ | ଏବଂ ଓଜନ କମ କରିପାରିବେ |

ବୈଜ୍ଞାନିକମାନେ ପ୍ରମାଣ କରି କହିଛନ୍ତି ଯେ ଦୈନିକ ୨୦ ମିନିଟ ହାସ୍ୟ ଚିକିତ୍ସା କଲେ ଅନ୍ୟୁନ ୨୦ ବର୍ଷର ଆୟୁ ଅଧିକ ହେବ ଏବଂ ଦୈନିକ ୨୧୫ କ୍ୟାଲୋରୀ ଖର୍ଚ୍ଚହେବା ଦ୍ବାରା ଶରୀରରେ ମେଦବୃଦ୍ଧି, ଉଚ୍ଚ ରକ୍ତଚାପ, ମଧୁମେହ ଆଦି ରୋଗ ହେବନାହିଁ |

ବୀମା ନଗର-୨ୟ ଗଳି, ଆମ୍ବପୁଆ
ବ୍ରହ୍ମପୁର - ୭୬୦୦୧୦, ଓଡ଼ିଶା

ଆହ୍ୱାନର ଆଗାମୀ ସଂସ୍କରଣ ମାର୍ଚ୍ଚ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

**aahwaan@gmail.com**

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର – ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର – ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩/୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା –

aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**If you are interested to post your Business classified ads in different pages on this e-Magazine, do please contact us. We also offer full page and half page advertisements as well as we welcome sponsors for different stories and articles and also patrons for the e-Magazine.**

**aahwaan@gmail.com / 9040985463**

**News Site @ Rs 15,000, School / College Site @ Rs 12,000**
**MLM Website @ Rs 25,000, Domain Registration @ Rs 99**
**Free Updation and Maintenance of Your Website**
**Multi-lingual (Odia, English, Hindi) site at no extra cost**

---

*For all your website related needs*

# Web Design
# Web Development
# Web Hosting
# MLM site script
# News Site script
# Domain Registration
# Dynamic User site script

---

**Visit our website / give us a call: -**

**WWW.ODIAGURU.COM / 90409 85463**